# India's participation in the Intra-Afghan negotiations

September 12, 2020

---

# ଆଫଗାନିସ୍ତାନ ର ଶାନ୍ତି ବାର୍ତ୍ତାରେ ଭାରତର ଭାଗୀଦାରୀ

ସେପ୍ଟେମ୍ବର 12, 2020

ବୈଦେଶିକ ମନ୍ତ୍ରୀ 12 ସେପ୍ଟେମ୍ବର 2020 ରେ ଦୋହା ରେ ଆୟୋଜିତ ଆନ୍ତରିକ-ଆଫଗାନିସ୍ତାନ ବାର୍ତ୍ତାର ଉଦଘାଟନ ଅଧିବେଶନରେ ଭିଡ଼ିଓ ଟେଲି କନଫରେନ୍ସ ମାଧମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ବୈଦେଶିକ ମନ୍ତ୍ରୀଙ୍କର ଭାଗୀଦାରୀ କତାର ରେ ଉପ-ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରୀ, ମାନ୍ୟବର ମହମ୍ମଦ ବିନ୍ ଅବଦୁଲରେହମାନ ବିନ୍ ଜସିମ୍ ଅଲ ଥାନୀ ଦ୍ୱାରା ସିଆଯାଇଥିବା ନିୟନ୍ତ୍ରଣ ର ପ୍ରତିକ୍ରିୟାରେ ଥିଲା।

ବୈଦେଶିକ ମନ୍ତ୍ରୀ ନିଜର ସମ୍ବୋଧନରେ, ଭାରତ ଏବଂ ଆଫଗାନିସ୍ତାନ ର ବର୍ଷ ବର୍ଷ ଧରି  ପୁରୁଣା ସମ୍ପର୍କ ବିଷୟରେ ଉଲ୍ଲେଖ କରିଛନ୍ତି, ଯାହାକି ତାଙ୍କ କହିବା ଅନୁସାରେ ସେ ସମୟର ପରୀକ୍ଷଣକୁ ସହ୍ୟ କରିଥିବାର ଦେଖାଯାଇଛି। ବୈଦେଶିକ ମନ୍ତ୍ରୀ ଆଫଗାନିସ୍ତାନର ସମସ୍ତ 34 ଟି ପ୍ରାନ୍ତ ପ୍ରଦେଶରେ 400 ରୁ ଅଧିକ ପରିଯୋଜନା ସହିତ ଆଫଗାନିସ୍ତାନର ଏକ ପ୍ରମୁଖ ବିକାଶ ସହଭାଗୀ ଭାବରେ ଭାରତର ଭୂମିକା ଉପରେ ଆଲୋକିତ କରିଛି ।

ବୈଦେଶିକ ମନ୍ତ୍ରୀ ଜଣାଇଛନ୍ତି ଯେ ଆଫଗାନିସ୍ତାନ ଉପରେ ଭାରତର ନୀତି ସ୍ଥିର ରହିଛି। ଭାରତ ବିଶ୍ୱାସ କରେ ଯେ କୌଣସି ମଧ ଶାନ୍ତି ପ୍ରକ୍ରିୟା ଆଫଗାନିସ୍ତାନର ନେତୃତ୍ୱାଧୀନ, ଆଫଗାନିସ୍ତାନର ମାଲିକାନା ଏବଂ ଆଫଗାନିସ୍ତାନ ଦ୍ୱାରା ନିୟନ୍ତ୍ରିତ ହେବା ଆବଶ୍ୟକ, ତାହାକୁ ଆଫଗାନିସ୍ତାନର ରାଷ୍ଟ୍ରୀୟ ସାର୍ବଭୌମତ୍ୱ ତଥା ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ କରିବାକୁ ହେବ ଏବଂ ଆଫଗାନିସ୍ତାନରେ ଏକ ଗଣତାନ୍ତ୍ରିକ ଇସଲାମିକ୍ ଗଣରାଜ୍ୟ ପ୍ରତିଷ୍ଠା କ୍ଷେତ୍ରରେ ହୋଇଥିବା ପ୍ରଗତିକୁ ରକ୍ଷା କରିବା ଆବଶ୍ୟକ। ସଂଖ୍ୟାଲଘୁ, ମହିଳା ଏବଂ ସମାଜର ଅସୁରକ୍ଷିତ ବର୍ଗର ହିତକୁ ରକ୍ଷା କରାଯିବା ଉଚିତ ଏବଂ ଦେଶ ତଥା ତାହାର ପଡ଼ୋଶୀ ଦେଶରେ ହିଂସା ପ୍ରସଙ୍ଗକୁ ପ୍ରଭାବଶାଳୀ ଭାବରେ ସମାଧାନ କରାଯିବା ଉଚିତ।

ବୈଦେଶିକ ମନ୍ତ୍ରୀ ଆନ୍ତରିକ-ଆଫଗାନିସ୍ତାନ ବାର୍ତ୍ତାର ସଫଳତାର କାମନା କରିଥିଲେ ଯାହାଦ୍ୱାରା ଆଫଗାନିସ୍ତାନର ନିବାସୀ ମାନଙ୍କୁ ଏକ ସ୍ୱାଧୀନ ତଥା ସାର୍ବଭୌମିକ ରାଷ୍ଟ୍ରରେ ଏକ ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଭବିଷ୍ୟ ମିଳିପାରିବ, ଯାହାକୁ ସେମାନେ ଅନେକ ଦିନରୁ ଅପେକ୍ଷା କରିଆସୁଥିଲେ।

ବୈଦେଶିକ ମନ୍ତ୍ରାଳୟରେ ସଂଯୁକ୍ତ ସଚିବ (ପିଏଆଇ) ଶ୍ରୀ ଜେ ପି ସିଂହଙ୍କ ନେତୃତ୍ୱରେ ଏକ ବରିଷ୍ଠ ଅଧିକାରିକ ପ୍ରତିନିଧିମଣ୍ଡଳ ଦୋହାରେ ଉଦଘାଟନ ସମାରୋହରେ ଭାଗ ନେଇଥିଲେ।

**ନୂଆ ଦିଲ୍ଲୀ**
**ସେପ୍ଟେମ୍ବର 12, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release